# HEALTH & FAMILY WELFARE DEPARTMENT

## PRESS BRIEF

State Cabinet has approved a budget of Rs.1001.14 Crore for expanding Comprehensive Cancer Services across the State of Odisha with an objective to provide Cancer Care nearer to the household of the patients. Eleven Comprehensive Cancer care units will be built up within a period of 2 years at DHH Bargarh, VIMSAR, Burla, SLN Medical College & Hospital Koraput, MKCG Medical College & Hospital Berhampur, Saheed Rendo Majhi Medical College & Hospital Bhawanipatna, Kalahandi, B.B. Medical College & Hospital Balangir, PRM Medical College & Hospital, Baripada, FM Medical College & Hospital, Balasore, Dharanidhar Medical College & Hospital, Keonjhar, Govenment Medical College & Hospital, Talcher and Capital Hospital, Bhubaneswar. Henceforth they need not travel far of outside the State seeking advanced Cancer Care. This will definitely reduce the out of pocket expenditure of the people suffering from Cancer and their family members.

Under this package, Radiotherapy, Brachytherapy, Histopathology, Onco-Surgery, Chemotherapy and Palliative Care Services will be strengthened. Each facility will be added with 50 to 100 beds with Operation Theatre, ICU, Chemotherapy, Radiotherapy and Palliative Care Units and with provision of future expansion when required. Posts of Specialists, Super-specialists and Technical staffs will be created as regular cadre under State Govt. to provide un-interrupted services at these facilities.

# ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ

# ପ୍ରେସ ବିଜ୍ଞପ୍ତି

କର୍କଟ ରୋଗୀମାନଙ୍କୁ ଚିକିତ୍ସା ଯୋଗାଇବା ଉଦ୍ଦେଶ୍ୟରେ ଓଡିଶା ସାମୁହିକ କର୍କଟ ସେବାର ଅଭିବୃଦ୍ଧି କରିବା ପାଇଁ କ୍ୟାବିନେଟ ୧୦୦୧.୧୪ କୋଟି ଟଙ୍କା ବଜେଟ୍ ଅନୁମୋଦନ କରିଛନ୍ତି । ୨ ବର୍ଷ ମଧ୍ୟରେ ୧୧ଟି-ସାମୁହିକ କର୍କଟ ଚିକିତ୍ସା ୟୁନିଟ୍ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ବରଗଡ, ଭିମସାର ବୁର୍ଲା, ଏସ.ଏଲ.ଏନ. ମେଡିକାଲ କଲେଜ ଓ ହସ୍ପିଟାଲ କୋରାପୁଟ, ଏମ.କେ.ସି.ଜି ମେଡିକାଲ କଲେଜ ଓ ହସ୍ପିଟାଲ ବ୍ରହ୍ମପୁର, ଶହୀଦ ରେଣ୍ଡୋ ମାଝୀ ମେଡିକାଲ କଲେଜ ଓ ହସ୍ପିଟାଲ ଭବାନୀପାଟଣା, କଳାହାଣ୍ଡି, ବି.ବି. ମେଡିକାଲ କଲେଜ ଓ ହସ୍ପିଟାଲ ବାଲାଙ୍ଗୀର, ପି.ଆର.ଏମ ମେଡିକାଲ କଲେଜ ଓ ହସ୍ପିଟାଲ ବାରିପଦା, ଏଫ.ଏମ. ମେଡିକାଲ କଲେଜ ଓ ହସ୍ପିଟାଲ ବାଲେଶ୍ୱର, ଧରଣୀଧର ମେଡିକାଲ କଲେଜ ଓ ହସ୍ପିଟାଲ କେନ୍ଦୁଝର, ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲ ତାଳଚେର ଏବଂ କ୍ୟାପିଟାଲ ହସ୍ପିଟାଲ, ଭୁବନେଶ୍ୱରଠାରେ ନିର୍ମାଣ କରାଯିବ । ଏଥି ଦ୍ୱାରା ସେମାନଙ୍କୁ ଉନ୍ନତ କର୍କଟ ଚିକିତ୍ସା ପାଇଁ ରାଜ୍ୟ ବାହାରକୁ  ବହୁ ଦୂର ଯାତ୍ରା କରିବା ଆବଶ୍ୟକ ପଡିବ ନାହିଁ । ଏହା ନିଶ୍ଚିତ ଭାବରେ କର୍କଟ ରୋଗରେ ପୀଡିତ ଲୋକ ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କ ନିଜସ୍ୱ ଖର୍ଚ୍ଚ ହ୍ରାସ କରିବ ।

ଏହି ଅନୁଷ୍ଠାନମାନଙ୍କରେ ରେଡିଓଥେରାପି, ବ୍ରାକିଥେରାପି, ହିଷ୍ଟୋପାଥୋଲଜି, କର୍କଟ ଶଲ୍ୟ ଚିକିତ୍ସା, କେମୋଥେରାପି ଏବଂ ପାଲିଏଟିଭ୍ କେୟାର ସେବାକୁ ସୁବ୍ୟବସ୍ଥିତ କରିବ। ପ୍ରତ୍ୟେକ ଅନୁଷ୍ଠାନରେ ଅପରେସନ୍ ଥିଏଟର, ଆଇସିୟୁ, କେମୋଥେରାପି, ରେଡିଓଥେରାପି ଏବଂ ପାଲିଏଟିଭ୍ କେୟାର ୟୁନିଟ୍ ସହିତ ୫୦ ରୁ ୧୦୦ ଶଯ୍ୟା ସଂଯୋଗ କରାଯିବ ଏବଂ ଆବଶ୍ୟକ ପଡିଲେ ଭବିଷ୍ୟତରେ ସମ୍ପ୍ରସାରଣର ବ୍ୟବସ୍ଥା କରାଯିବ । ରାଜ୍ୟ ସରକାରଙ୍କ ଅଧୀନରେ ନିୟମିତ କ୍ୟାଡର ଭାବେ ସ୍ପେଶିଆଲିଷ୍ଟ, ସୁପର-ସ୍ପେଶିଆଲିଷ୍ଟ ଏବଂ ବୈଷୟିକ କର୍ମଚାରୀଙ୍କ ପଦବୀ ସୃଷ୍ଟି କରାଯାଇ ଏହି ଅନୁଷ୍ଠାନ ମାନଙ୍କରେ ନିରବଛିନ୍ନ ସେବା ଯୋଗାଇ ଦିଆଯିବ ।